## ସଂକ୍ଷେପରେ

### ଅଜଣା ଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ

ଜୟପୁର, ୧୪।୭ (ନି.ପ୍ର.-) ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି । ସେ ହେଲେ ପାୱାର ହାଉସ-୩ ଲାଇନର ଇ. ଭରତ କିରଣ (୩୦) । ଭରତ ଏକ ବୁଲେଟରେ ବୁଧବାର ରାତିରେ ଆସୁଥିବା ବେଳେ କାଳିଆ ପେଟ୍ରୋଲ ପମ୍ପ ନିକଟରେ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଟାଉନ ଥାନା ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ।

### ଟ୍ରକର ଗୁପ୍ତ ଚାମ୍ବରରୁ ମିଳିଲା ୬କୁଇଣ୍ଟାଲ ଗଞ୍ଜେଇ, ଜଣେ ଗିରଫ




ଚିତ୍ରକୋଣ୍ଡା, ୧୪।୭(ଡି.ଏନ.ଏ.)- ବୁଧବାର ରାତିରେ ଚିତ୍ରକୋଣ୍ଡା ପୋଲିସ ପାଟ୍ରୋଲିଂ କରୁଥିବା ସମୟରେ ଇସାର ଛକ ନିକଟରୁ ଏକ ଟ୍ରକର ଗୁପ୍ତ ଚାମ୍ବରରୁ ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତ ଜଣଙ୍କୁ ଗିରଫ କରାଯାଇଛି। ସେ ହେଲେ ପଶ୍ଚିମବଙ୍ଗ ଏମ ହୁଗୁଲି ଜିଲା ଅନ୍ତର୍ଗତ ଉତ୍ତରପରା ଗ୍ରାମର ବିଜୟ ରାୟଙ୍କ ପୁଅ ପିଣ୍ଟୁ ରାୟ (୩୮)। ଖବରରୁ ଜଣାପଡିଛି ପେଟ୍ରୋଲିଂ ବେଳେ ଏସାର ଛକ ନିକଟରେ ପୋଲିସ ସନ୍ଦେହରେ ଏକ ଟ୍ରକ(ଏଚପି୨୧ଏ-୫୬୧୨)କୁ ଅଟକାଇ ଯାଞ୍ଚ କରିଥିଲା। ଏହି ସମୟରେ ଟ୍ରକର ଗୁପ୍ତ ଚାମ୍ବରରୁ ଗଞ୍ଜେଇ ମିଳିଥିଲା। ଏହାର ପରିମାଣ ୬୧୩ କେଜି ୭୫୦ ଗ୍ରାମ। ଏଥିରେ ସମ୍ପୃକ୍ତ ପିଣ୍ଟୁଙ୍କୁ ଥାନାକୁ ଆଣି ଅଟକ ରଖି ପୋଲିସ ପଚରାଉଚରା କରିଥିଲା। ଗୁରୁବାର ତାଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। କେସ୍ ନମ୍ବର ୮୩/୨୨ରେ ଏକ ମାମଲା ରୁଜୁ ହୋଇଥିବା ଏସଆଇ ଏକେ ପରିଡା କହିଛନ୍ତି।

### ଦେଶୀମଦ ଚାଲାଣ ବେଳେ ଚଢ଼ାଉ, ୨ ଗିରଫ

ଜୟପୁର, ୧୪।୭(ନି.ପ୍ର.)- ଦେଶୀ ମଦ ଚୋରାଚାଲାଣ ବେଳେ ଜୟପୁର ଅବକାରୀ ବିଭାଗ ଚଢ଼ାଉ କରି ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଜୟପୁର ଗୋଡିଆ ଧୋବାସାହିର ଜଗା ପାଙ୍ଗୀ ଓ ସଦର ଥାନା ଅନ୍ତର୍ଗତ ନୀଳାଗୁଡାର ଯାଦୁ ହରିଜନ। ଜଗା ଦେଶୀ ମଦ ଚାଲାଣ କରୁଥିବା ବେଳେ ଗୋଡିଆ ଧୋବାସାହିରେ ଅବକାରୀ କର୍ମଚାରୀମାନେ ଚଢ଼ାଉ କରି ତାଙ୍କଠାରୁ ୧୨ ଲିଟର ଦେଶୀ ମଦ ଜବତ କରି ତାଙ୍କୁ ଗିରଫ କରିଥିଲେ। ସେହିପରି ନୀଳାଗୁଡାରୁ ବାଇକ୍‌ରେ ମଦ ଧରି ଯାଦୁ ସହରକୁ ଆସୁଥିବା ବେଳେ କୁମ୍ଭାରସାହି ନିକଟରେ କର୍ମଚାରୀମାନେ ତାଙ୍କୁ ଧରିଥିଲେ। ତାଙ୍କଠାରୁ ୨୫ ଲିଟର ମଦ ଓ ବାଇକ ଜବତ ହୋଇଛି। ଚଢ଼ାଉରେ ଅବକାରୀ ନିରୀକ୍ଷକ ଦୁର୍ବାଦଳ ବିଶ୍ୱାଳ, ଓଆଇସି ସଞ୍ଜୟ ତାଣ୍ଡି, ଏଏସ୍‌ଆଇ ଏମ୍. ଲକ୍ଷ୍ମଣ ରାଓ, ମାଧବେଶ ମାରାଣ୍ଡି ସାମିଲ ଥିଲେ।

# କେଉଁଠି ଆସୁନାହାନ୍ତି ଶିକ୍ଷକ ତ କେଉଁଠି ପିଲା

ମାଲକାନଗିରି, ୧୪।୭(ଡି.ଏନ୍.ଏ.)

**ଶିକ୍ଷା ବ୍ୟବସ୍ଥାର ବିକଳ ଚିତ୍ର**
- ଅଧାରୁ ବିଦ୍ୟାଳୟରେ ପଡୁଛି ତାଲା
- ଅନୁପସ୍ଥିତ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ
- ମହାରାଜପାଲି ବିଦ୍ୟାଳୟରେ ଜଣେ ଆସି ୪ ଅନୁପସ୍ଥିତ

ମାଲକାନଗିରି ଜିଲାରେ ଶିକ୍ଷାର ବିକଳ ଚିତ୍ର ଦେଖିବାକୁ ମିଳିଛି। କେଉଁଠି ବିଦ୍ୟାଳୟକୁ ପିଲା ଆସୁଛନ୍ତି ହେଲେ ଶିକ୍ଷକଙ୍କ ଦେଖା ମିଳୁନି, ଆଉ କେଉଁଠି ପିଲାମାନେ ବିଦ୍ୟାଳୟକୁ ଆସୁ ନ ଥିବା ବେଳେ ଶିକ୍ଷକ ବିଦ୍ୟାଳୟରେ ତାଲା ପକାଇ ଚାଲିଯାଉଛନ୍ତି। ଏଭଳି କିଛି ଅଭିଯୋଗ ଆସିଛି ମାଲକାନଗିରି ଜିଲାର କାଲିମେଳା ବ୍ଲକରୁ। କାଲିମେଳା ବ୍ଲକ ଅନ୍ତର୍ଗତ ମହାରାଜପାଲି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ମୋଟ ୫୦ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ବେଳେ ଏଠାରେ କେବଳ ୧୦ ଜଣ ଛାତ୍ର ଉପସ୍ଥିତ ରହୁଛନ୍ତି। ଏହି ବିଦ୍ୟାଳୟରେ ୫ଜଣ ଶିକ୍ଷକ ଥିବା ବେଳେ କେବଳ ଜଣେ ମାତ୍ର ଶିକ୍ଷକ ଏଙ୍କା ମାଡକାମୀ ଉପସ୍ଥିତ ରହୁଛନ୍ତି। ଏଠାରେ ଜଣେ ଶିକ୍ଷକ ଆସିଥିବା ବେଳେ ଅନ୍ୟମାନେ ଅନୁପସ୍ଥିତ ରହୁଛନ୍ତି। ଅନୁପସ୍ଥିତ ଶିକ୍ଷକମାନେ ହେଲେ ପ୍ରଧାନ ଶିକ୍ଷକ ଉମେଶ ହାଲ୍‌ଦାର, ପରିତୋଷ ରାୟ, ସୁଚିତ୍ରା ରାୟ, ମିନି



ବୁଧବାର ମାରତାଲଗୁଡ଼ା ବିଦ୍ୟାଳୟରେ ପଡିଥିବା ତାଲା।

ମାଡକାମୀ। ଏହି ଶିକ୍ଷକମାନେ କେଉଁ କାରଣରୁ ବିଦ୍ୟାଳୟକୁ ଆସିନାହାନ୍ତି ବୋଲି ପ୍ରଧାନ ଶିକ୍ଷକଙ୍କୁ ଯୋଗାଯୋଗ କରିବାରୁ ସେ ନିଜେ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ଅଫିସ କାର୍ଯ୍ୟରେ ଆସିଥିବା କହିଥିଲେ। ଅନ୍ୟମାନେ କେଉଁ କାରଣରୁ ଆସିନାହାନ୍ତି ତାହା ସ୍ପଷ୍ଟ ହୋଇ ପାରିନାହିଁ। ସେହିପରି ମାରତାଲଗୁଡା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ବୁଧବାର ଛାତ୍ରୀଛାତ୍ର ଆସି ନ ଥିବାରୁ ମଧ୍ୟାହ୍ନଭୋଜନ ରୋଷେଇ ବନ୍ଦ ଥିଲା। ଶିକ୍ଷକ ଜଣକ ମଧ୍ୟାହ୍ନ ସାଢେ ୧୨ଟାରେ ବିଦ୍ୟାଳୟ ବନ୍ଦ କରି ଚାଲିଯାଇଥିଲେ। ଏହି ବିଦ୍ୟାଳୟରେ ଦୁଇଜଣ ଶିକ୍ଷକ ନିଯୁକ୍ତି ହୋଇଥିବା ବେଳେ ଜଣେ ଶିକ୍ଷକ ଆସିଥିଲେ। ସେହିପରି ଗର୍ଲେଗୁଡା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟ ବୁଧବାର ୨ଜଣ ଶିକ୍ଷକଙ୍କ ମଧ୍ୟରୁ ଜଣେ ଶିକ୍ଷକ ଅନୁପସ୍ଥିତ ଥିଲେ। ଶିକ୍ଷକ ସୁଶୀଲ ହାଲ୍‌ଦାର ବିଦ୍ୟାଳୟରେ ଉପସ୍ଥିତ ଥିବା ବେଳେ ଶିକ୍ଷକ ନିରାପଦ ବିଶ୍ୱାସ ଅନୁପସ୍ଥିତ ଥିଲେ। ଏନେଇ ସିଆର୍‌ସିସି ବିଷ୍ଣୁ ସରକାରଙ୍କୁ ପଚାରିବାରୁ ସେ ଏହାକୁ ସ୍ୱୀକାର କରିଥିଲେ। ଏହି ଘଟଣା ତାଙ୍କ ନଜରକୁ ଆସିଛି। ସେ ଏନେଇ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଛନ୍ତି। ଅନୁପସ୍ଥିତ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ବ୍ଲକରେ ୧୭ ଡିଲର ଥାଇ ପୂରଣ ହୋଇପାରୁନି ଆବଶ୍ୟକତା



କୁନ୍ଦୁରା, ୧୪।୭ (ଡି.ଏନ.ଏ.)

**ଖରିଫ ଚାଷୀଙ୍କୁ ସାର ଚିନ୍ତା**

କୋରାପୁଟ ଜିଲା କୁନ୍ଦୁରା ବ୍ଲକରେ ଚାଷୀଙ୍କୁ ଧାନ ଚାଷ ପାଇଁ ସାର ନିଅଣ୍ଟ ହେଉଥିବା ଅଭିଯୋଗ ହେଉଛି। ବ୍ଲକରେ ଅଧିକାଂଶ ଲୋକ ଧାନଚାଷ ଉପରେ ନିର୍ଭରକରି ଜୀବିକା ନିର୍ବାହ କରିଥାନ୍ତି। ତେବେ ପ୍ରଶାସନ ଠିକ୍ ସମୟରେ ଚାଷୀଙ୍କୁ ସାର ଯୋଗାଇବାରେ ବିଫଳ ହେଉଥିବାରୁ ଚାଷୀ ଅଧିକ ଧାନ ଅମଳ କରିପାରି ନ ଥାନ୍ତି। ବ୍ଲକ ଅଧୀନରେ ଚାଷୀଙ୍କୁ ସାର ଯୋଗାଣ ଲାଗି ସମବାୟ ବିଭାଗ ସମିତି ସମେତ ୧୭ ଜଣ ଡିଲର ରହିଛନ୍ତି। ଏହାସତ୍ତ୍ୱେ ଚାଷୀଙ୍କ ସାର ଆବଶ୍ୟକତା ପୂରଣ ହୋଇପାରୁନାହିଁ। ଗତ ପଞ୍ଚାୟତ ସମିତି ବୈଠକରେ ଏମ୍‌ପି ପ୍ରତିନିଧି ନରେନ୍ଦ୍ର ପ୍ରଧାନ ଏବଂ କୋରାପୁଟ ଜିଲା ପରିଷଦ ଉପାଧ୍ୟକ୍ଷ ରାଧା ବିନୋଦ ସାମନ୍ତରାୟ ଚଳିତ ବର୍ଷ ଖରିଫ ଋତୁରେ ଧାନଚାଷ କରିଥିବା ଚାଷୀଙ୍କୁ ଠିକ୍ ସମୟରେ ଆବଶ୍ୟକ ପରିମାଣର ସାର ଯୋଗାଇଦେବାକୁ ମତ ରଖିଥିଲେ। ଡଙ୍ଗରପାଉଁଶି, ଦିଗାପୁର, ଭୁସାଙ୍ଗଗୁଡା ଭଳି ଅଞ୍ଚଳରେ କୋଲାବ ନଦୀ ଉପରେ ଉଠାଜଳସେଚନ ପ୍ରକଳ୍ପଗୁଡିକ ମାଧ୍ୟମରେ ବର୍ଷାକୁ ଅପେକ୍ଷା ନ କରି ଚାଷୀ ଚାଷ କରିଥାନ୍ତି। ଆଗୁଆ ତଳି ପକାଇ ଜୁନ୍ ମାସ ଶେଷ ସୁଦ୍ଧା ସେମାନଙ୍କ ରୁଆ କାର୍ଯ୍ୟ ଶେଷ କରିଦେଇଥାନ୍ତି। ଏହି ଚାଷୀମାନଙ୍କୁ ପ୍ରଶାସନ ଗୁରୁତ୍ୱ ଦେଇ ସାର ଏବଂ କୀଟନାଶକ ପ୍ରଥମେ ଯୋଗାଇ ଦେବା କଥା। ମାତ୍ର ତାହା ହେଉନାହିଁ। ଚଳିତବର୍ଷ ଖରିଫ ଋତୁରେ ବ୍ଲକରେ ଧାନ ଚାଷ ୯୮୯୦ ଏକର ଜମିରେ ହୋଇଥିବା ବେଳେ ମକ୍କା ଚାଷ ୨୬୨୬ ଏକର ଜମିରେ ହୋଇଛି। ତେବେ ଧାନ ଚାଷ ପାଇଁ ସାର ଅଭାବ ପଡୁଥିବା ବେଳେ ମକାଚାଷ ପାଇଁ ସହଜରେ ସାର ମିଳିପାରୁଛି। ଧାନଚାଷ ପାଇଁ ଏକର ପିଛା ଜିଲାରେ ୟୁରିଆ ୧୦୦ କିଲୋଗ୍ରାମ, ପଟାସ ୫୦ କିଲୋଗ୍ରାମ ଏବଂ ଗ୍ରୋମର ୫୦ ରୁ ୧୦୦ କିଲୋଗ୍ରାମ ପର୍ଯ୍ୟନ୍ତ ବ୍ୟବହାର ହେଉଥିବା ବେଳେ ମକା ଚାଷ ପାଇଁ ଧାନଚାଷର ୫ ଗୁଣା ସାର ବ୍ୟବହାର ହୋଇଥାଏ। ମକାଚାଷ ପାଇଁ ଏକର ପିଛା ୪ କୁଇଣ୍ଟାଲ ପର୍ଯ୍ୟନ୍ତ ସାର ଚାଷୀ ବ୍ୟବହାର କରୁଥିବା ଦେଖିବାକୁ ମିଳେ।

# ଏକତାର ସହଯୋଗରେ ଚାଲିବା ଶିଖିଲା କୁନି ଝିଅ ରେବିକା

କୋରାପୁଟ, ୧୪।୭(ସ୍ୱ.ପ୍ର.)

- ଜନ୍ମରୁ ଚାଲିପାରୁ ନ ଥିଲେ କି କଥା କହିପାରୁ ନ ଥିଲେ
- ପରିବାରର ସମସ୍ତଙ୍କ ଚେଷ୍ଟା ବିଫଳ ହୋଇଥିଲା
- ବିଭିନ୍ନ ବ୍ୟାୟାମ ଓ ସ୍ପିଚ୍ ଥେରାପି ରେବିକାଙ୍କୁ ଶିଖାଇଲା ଚାଲିବା, କଥା କହିବା

ଜଣେ କୁନି ଝିଅ ପାଇଁ ସ୍ୱେଚ୍ଛାସେବୀ ସଙ୍ଗଠନ ଏକତାର ସମସ୍ତ ସହଯୋଗ ସଫଳ ହୋଇଛି। ଏବେ ସେ ପାଦରେ ଛିଡା ହୋଇପାରୁଛନ୍ତି, ଚାଲିପାରୁଛନ୍ତି। ସେ ହେଉଛନ୍ତି ୫ ବର୍ଷର ଝିଅ ରେବିକା ଜାନି। କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ମାଲିଙ୍ଗାଯୋଡି ଗ୍ରାମର ବଳରାମ ଜାନିଙ୍କ ଝିଅ ସେ। ଜନ୍ମ ପରେ ରେବିକା ପାଦରେ ଚାଲୁପାରୁ ନ ଥିଲେ କି କଥା କହି ପାରୁ ନ ଥିଲେ। ସବୁବେଳେ ଶୋଇ ରହୁଥିଲେ। ଗୁଣି ଗାରେଡି ଓ ପାରମ୍ପରିକ ଔଷଧର ଆଶ୍ରୟ ନେବା ପରେ ମଧ୍ୟ ରେବିକା ଠିଆ ହୋଇପାରି ନ ଥିଲେ କିକଥା କହିପାରି ନ ଥିଲେ। ଏନେଇ ମାଆବାପା, ଜେଜେ ମାଆ ଜେଜେବାପାଙ୍କ ସମସ୍ତ ଚେଷ୍ଟା ବିଫଳ ହୋଇଥିଲା। ତାଙ୍କ ପାଇଁ ପରିବାରର ସମସ୍ତେ ଚିନ୍ତାରେ ଥିଲେ। ଗତବର୍ଷ କୋରାପୁଟ ଜିଲାରେ ଭିନ୍ନକ୍ଷମ ଶିଶୁଙ୍କ ସହ କାର୍ଯ୍ୟ କରୁଥିବା ସ୍ୱେଚ୍ଛାସେବୀ ସଙ୍ଗଠନ ଏକତା ରେବିକାଙ୍କ ସମ୍ପର୍କରେ ଜାଣିବା ପରେ ସହଯୋଗର ହାତ ବଢାଇଥିଲା। କୋରାପୁଟ ନିକଟସ୍ଥ ଦୁରୁଗୁଡାରେ ଏକତା ପକ୍ଷରୁ ପରିଚାଳିତ ଫିଜିଓଥେରାପି କେନ୍ଦ୍ରରେ ବିନା ଖର୍ଚ୍ଚରେ ରେବିକାଙ୍କ ଚିକିତ୍ସା ଆରମ୍ଭ ହୋଇଥିଲା। ରେବିକାଙ୍କ ଗୋଡ଼ରେ ଓ ଅଣ୍ଟାରେ ଶକ୍ତି ସଞ୍ଚାର ପାଇଁ ଆବଶ୍ୟକ ହେଉଥିବା ବିଭିନ୍ନ ବାୟାମ ସମ୍ପର୍କରେ ମାଆବାପାଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ଏଥିସହ କଥା କହିବା ପାଇଁ ରେବିକାଙ୍କୁ ସ୍ପିଚ୍ ଥେରାପି ପ୍ରଦାନ କରାଯାଇଥିଲା । ଘରକୁ ଫେରି ମାଆବାପା ତାଲିମ ମୁତାବକ ସମସ୍ତ ବାୟାମ ଆରମ୍ଭ କରିବା ପରେ ରେବିକା ଧୀରେ ଧୀରେ ଠିଆ ହେବାକୁ ସକ୍ଷମ ହୋଇଥିଲେ। ଏକତା ପକ୍ଷରୁ ରେବିକାଙ୍କ ଘରକୁ ଯାଇ ମଧ୍ୟ ତାଲିମ ଦେବା ଜାରି ରହିଥିଲା। ପ୍ରଥମେ ଘର ଭିତରେ ସେ ଠୁକୁରୁ ଠୁକୁରୁ ହୋଇ ଚାଲିବା ଆରମ୍ଭ କଲେ। ପରେ ଘର ପାଖରେ ଦୁଇଟି ବାଉଁଶକୁ ସାହାରା କରି ଚାଲିଲେ ରେବିକା। ଏବେ ନିଜ ଗୋଡରେ ନିଜେ ଠିଆ ହୋଇ ନିର୍ଭୟରେ ଚାଲିବା ଆରମ୍ଭ କରିଛନ୍ତି। ବର୍ତ୍ତମାନ ସେ ଚାଲିପାରିବା ସହ କଥା କହୁଛନ୍ତି। ଚାଲି ଚାଲି ନିଜେ ସ୍କୁଲ ଯାଇପାରିବେ ବୋଲି କହୁଛନ୍ତି। ଝିଅ ଅଳ୍ପ ଦିନରେ ଧାଇଁବା ଆରମ୍ଭ କରିବ ସେ ବିଶ୍ୱାସ ପରିବାର ଲୋକଙ୍କ ମନରେ ଦୃଢ ହୋଇଛି। ପାଟିଖୋଲି କଥା କହିବା ପାଇଁ ଚେଷ୍ଟା କରୁଥିବା ରେବିକା ସ୍କୁଲ ଯିବାକୁ ଆଗ୍ରହ ପ୍ରକାଶ କରୁଥିବା ଦେଖି ପରିବାର ଲୋକଙ୍କ ଅନୁରୋଧରେ ସ୍ଥାନୀୟ ବିଦ୍ୟାଳୟର ଶିକ୍ଷକମାନେ ରେବିକାଙ୍କୁ ବିଦ୍ୟାଳୟର ଅନ୍ୟ ପିଲାଙ୍କ ସହ ମିଶି କିଛି ସମୟ ବିତାଇବାର ସୁଯୋଗ ମଧ୍ୟ ଦେଇଛନ୍ତି।



ରେବିକା ଜାନି

## ଟ୍ରକ୍ ଡ୍ରାଇଭରଙ୍କୁ ମାଡ଼ମାରି ଟଙ୍କା ଲୁଟ୍ ମାମଲାରେ ଜଣେ ଗିରଫ

ଜୟପୁର, ୧୪।୭ (ନି.ପ୍ର.)

ଜଣେ ଟ୍ରକ୍ ଡ୍ରାଇଭରଙ୍କୁ ମାଡ ମାରି ଟଙ୍କା ଲୁଟ୍ କରିଥିବା ମାମଲାରେ ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ ଗଜପତି ଜିଲା ଅଡବା ଥାନା ଅଞ୍ଚଳର ଚନ୍ଦନ କୁମାର ସାହୁ। ମାଥାଲପୁଟର ତ୍ରିନାଥ ଜାନି। ଟ୍ରକ୍ (ଓଆର୧୦ ଏଚ–୬୨୪୫) ଧରି ଫେରୁଥିବା ସମୟରେ ଜୟପୁର ଘାଟି ଶିବମନ୍ଦିର ନିକଟରେ ଟ୍ରକ୍‌ରୁ ତେଲ ସରିଯାଇଥିଲା। ସେହି ସମୟରେ ୩ ଜଣ ଯୁବକ ଆସି ତ୍ରିନାଥଙ୍କୁ ମାଡ ମାରି ମୋବାଇଲ ଫୋନ, ୨୭ ହଜାର ଟଙ୍କା, ଏଟିଏମ୍ କାର୍ଡ ଲୁଟି ନେଇଥିଲେ । ଏନେଇ ତ୍ରିନାଥ ଜୟପୁର ସଦର ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ପୋଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତରୁ ଲୁଟ୍‌ରେ ଚନ୍ଦନଙ୍କ ସମ୍ପୃକ୍ତି ଥିବା ଜାଣିବା ପରେ ତାଙ୍କୁ ଗିରଫ କରିଛି । ତାଙ୍କଠାରୁ ଲୁଟ ହୋଇଥିବା ମୋବାଇଲ ଜବତ ହୋଇଛି। ଏହି ମାମଲାରେ ସମ୍ପୃକ୍ତ ଥିବା ଅନ୍ୟ ୨ ଜଣଙ୍କୁ ଖୁବ୍ ଶୀଘ୍ର ଗିରଫ କରାଯିବ ବୋଲି ଥାନା ଅଧିକାରୀ ଈଶ୍ୱର ତାଣ୍ଡି କହିଛନ୍ତି ।

## ଜମି କିଣିବା ପରେ ପଟ୍ଟାରୁ ବଞ୍ଚିତ ହେଉଛନ୍ତି ଲୋକେ

ସେମିଳିଗୁଡ଼ା/ସୁନାବେଡ଼ା, ୧୪।୭(ସ୍ୱ.ପ୍ର.)

କୋରାପୁଟ ଜିଲା ସେମିଳିଗୁଡ଼ା ଅଞ୍ଚଳରେ ଘର କରିବା ଲାଗି ଅବା ଚାଷଜମି କିଣି ପରବର୍ତ୍ତୀ ସମୟରେ ଲୋକେ ପଟ୍ଟା ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି। ଏ ଦିଗରେ ରାଜସ୍ୱ ବିଭାଗ ପଦକ୍ଷେପ ନେଉ ନ ଥିବାରୁ କ୍ରେତାମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସରକାରୀ ନିୟମ ଅନୁସାରେ ଜମି କିଣାବିକାର ଦୁଇ ତିନି ଦିନ ମଧ୍ୟରେ କିଣିଥିବା ବ୍ୟକ୍ତି ସାର୍ଟିଫାଏଡ୍ କପି ପାଇବା କଥା। ମାତ୍ର ଏହି ତହସିଲରେ ତାହା ହେଉନାହିଁ। ଉକ୍ତ ତହସିଲ ଅନ୍ତର୍ଗତ ପଟ୍ଟାଙ୍ଗୀ ସବ୍‌ରେଜିଷ୍ଟ୍ରାର ଅଫିସରେ ପ୍ରତି ସପ୍ତାହରେ ୩୦ରୁ ଅଧିକ ଜମି ରେଜିଷ୍ଟ୍ରେଶନ ହୋଇଥାଏ। ରେଜିଷ୍ଟ୍ରେଶନ ପରେ ପଟ୍ଟା ପାଇବାକୁ ଲୋକେ ତହସିଲ ଅଫିସ ଦୌଡ଼ି ଦୌଡ଼ି ନୟାନ୍ତ ହେଉଛନ୍ତି। ଫଳରେ ସେମାନେ ସରକାରୀ ପ୍ରୋତ୍ସାହନ ହେଉ ଅବା ବ୍ୟାଙ୍କରୁ ଆବଶ୍ୟକ ଋଣ ପାଇବାରୁ ବଞ୍ଚିତ ହେଉଛନ୍ତି। ଏ ସମ୍ପର୍କରେ ସମ୍ପୃକ୍ତ ତହସିଲଦାର ଦେବବ୍ରତ କରାଟେଙ୍କୁ ପଚାରିବାରୁ ସେ କହିଲେ, ଏଠାରେ ପଟ୍ଟା ଦାୟିତ୍ୱରେ ଥିବା ପୂର୍ବତନ କିରାଣି ବଦଳି ହୋଇଯାଇଛନ୍ତି। ଯେଉଁ କର୍ମଚାରୀ ଦାୟିତ୍ୱରେ ଅଛନ୍ତି ତାଙ୍କୁ ସେ ଦାୟିତ୍ୱ ହସ୍ତାନ୍ତର କରି ନ ଥିବାରୁ ସାର୍ଟିଫାଏଡ୍ କପି ପାଇବାରେ ବିଳମ୍ବ ହେଉଛି। ତେବେ ମ୍ୟୁଟେସନ କାର୍ଯ୍ୟ ଠିକ୍‌ରେ ଚାଲିଛି ବୋଲି କରାଟେ କହିଥିଲେ।

## ଠାକୁରଙ୍କ ପ୍ରତି ବ୍ୟଙ୍ଗାତ୍ମକ ଗୀତ ବନ୍ଦ କରିବାକୁ ଦାବି

ଜୟପୁର, ୧୪।୭(ନି.ପ୍ର.)

ଆରମ୍ଭ ହୋଇଛି ଶ୍ରାବଣ ମାସ। ଏହି ମାସରେ ଶୈବପୀଠଗୁଡିକରେ ଜଳାଭିଷେକ କରିବେ କାଉଡିଆ। ମାତ୍ର ସେମାନେ ଜଳଭାର ଧରି ଆସିବା ସମୟରେ ବିଭିନ୍ନ ଦେବଦେବୀଙ୍କ ନାଁରେ ଭଜନ ଆଳରେ ବଜାଉଥିବା ବ୍ୟଙ୍ଗାତ୍ମକ ଗୀତ ବନ୍ଦ କରିବା ଲାଗି କୋରାପୁଟ ଜିଲା ବ୍ରାହ୍ମଣ ସମାଜ ପକ୍ଷରୁ ଦାବି କରାଯାଇଛି। ବ୍ରାହ୍ମଣ ସମାଜ ପକ୍ଷରୁ କୃଷ୍ଣକେଶବ ଷଡ଼ଙ୍ଗୀ ଓ ଗୁପ୍ତେଶ୍ୱର ପାଣିଗ୍ରାହୀ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝି ଏବଂ ଅତିରିକ୍ତ ଏସ୍‌ପି ବି.କେ. ବ୍ରହ୍ମାଙ୍କୁ ଭେଟି ଏନେଇ ଏକ ଦାବିପତ୍ର ଦେଇଛନ୍ତି। ଜାଣତରେ ଅବା ଅଜାଣତରେ ଠାକୁରଙ୍କ ପ୍ରତି କରାଯାଉଥିବା କୌଣସି ଅସମ୍ମାନକୁ ବରଦାସ୍ତ ନ କରି ଏଭଳି ଅସମ୍ମାନଜନକ ଗୀତ ବଜାଉଥିବା ଗାଡି ସହିତ ଲୋକଙ୍କ ନାଁରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ବ୍ରାହ୍ମଣ ସମାଜ ପକ୍ଷରୁ ଦାବି ହୋଇଛି।

## କଂଗ୍ରେସ ନେତା ଅଜୟ କୁମାରଙ୍କ ମନ୍ତବ୍ୟକୁ ଭାଜପାର ବିରୋଧ

ଜୟପୁର, ୧୪।୭ (ନି.ପ୍ର.)

ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କ ଉପରେ କଂଗ୍ରେସ ନେତା ଅଜୟ କୁମାର ଦେଇଥିବା ମନ୍ତବ୍ୟକୁ ଭାଜପା ବିରୋଧ କରିଛି। ଏନେଇ ଜିଲା କଂଗ୍ରେସ ଭବନ ସମ୍ମୁଖରେ ଭାଜପା ବିକ୍ଷୋଭ ପ୍ରଦର୍ଶନ କରି ତୁରନ୍ତ ଅଜୟ କୁମାର ଦ୍ରୌପଦୀ ମୁର୍ମୁଙ୍କୁ କ୍ଷମା ମାଗିବାକୁ ଦାବି କରିଛି। ଗୌତମ ସାମନ୍ତରାୟଙ୍କ ନେତୃତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଭାଜପା ଜିଲା କଂଗ୍ରେସ ଭବନ ସମ୍ମୁଖରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ କୁଶ ପୁତ୍ତଳିକା ଦାହ କରିଛି। କଂଗ୍ରେସ ଆଦିବାସୀ ଓ ଦଳିତ ବିରୋଧୀ ବୋଲି କଂଗ୍ରେସ ଉପରେ ଆରୋପ ଲଗାଇଛି।




ଭାଜପା କର୍ମକର୍ତ୍ତାମାନେ ରାହୁଲ ଗାନ୍ଧୀଙ୍କ କୁଶପୁତ୍ତଳିକା ଦାହ କରୁଛନ୍ତି।

# ୩ଜଣଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ

କୋରାପୁଟ, ୧୪।୭(ସ୍ୱ.ପ୍ର.)

**ଗଞ୍ଜେଇ ଚୋରା ଚାଲାଣ ମାମଲା**

କୋରାପୁଟ ଅତିରିକ୍ତ ଜିଲା ଦୌରା ଜଜ୍ ମହଲତ ଶା ଏକ ଗଞ୍ଜେଇ ଚୋରାଚାଲାଣ ମାମଲାର ବିଚାରକରି ୩ଜଣ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ୧୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ ଏବଂ ୧ ଲକ୍ଷ ଟଙ୍କା ଜରିମାନା ନେଇ ରାୟ ଦେଇଛନ୍ତି। ଜରିମାନା ଅନାଦେୟ ଆଉ ୨ବର୍ଷ ସଶ୍ରମ କାରାଦଣ୍ଡ ଭୋଗିବାକୁ ରାୟରେ କହିଛନ୍ତି। ଅଭିଯୁକ୍ତମାନେ ହେଲେ ଛତିଶଗଡ଼ କାଂକେର ଅଞ୍ଚଳର କେଶବ କୁମାର ତାରେ (୩୫), ଛତିଶଗଡ଼ ବାଲୁଦ ଅଞ୍ଚଳର ଶୀତଲ ସିଂ (୪୮) ଓ କୋରାପୁଟ ଜିଲା ମାଛକୁଣ୍ଡ ଥାନା ଅନ୍ତର୍ଗତ ଡାଲିଗୁଡାର ଲକ୍ଷ୍ମଣ ଅଡାରି । ୮ ଜଣ ସାକ୍ଷୀଙ୍କ ବୟାନ ଓ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଉପରୋକ୍ତ ରାୟ ଦେଇଛନ୍ତି।

ମାମଲାର ବିବରଣୀରୁ ଜଣାପଡିଛି, ୨୦୧୬ ଅଗଷ୍ଟ ୨୫ ତାରିଖ ସକାଳୁ ମାଛକୁଣ୍ଡରୁ ଛତିଶଗଡ଼ ଚୋରା ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇ ଏସ୍‌ଆଇ ପ୍ରଦୀପ ନାୟକଙ୍କ ନେତୃତ୍ୱରେ ମାଛକୁଣ୍ଡ ପୋଲିସ ଲମତାପୁଟ–ଜୟପୁର ରାସ୍ତାର ବାଳିକା ଉଚ୍ଚ ବିଦ୍ୟାଳୟ ନିକଟରେ ଗାଡି ଯାଞ୍ଚ କରୁଥିଲା। ସକାଳ ସାଢେ ୭ଟାରେ ଲମତାପୁଟ ଆଡୁ ଏକ ଟ୍ରକ( ସିଜି ୪ ଜେଡି– ୫୭୩୬) ଆସୁଥିବା ଦେଖି ପୋଲିସ ଅଟକାଇଥିଲା। ମାତ୍ର ଟ୍ରକ ନ ଅଟକି ଦ୍ରୁତ ଗତିରେ ଚାଲିଯାଇଥିଲା । ପୋଲିସ ଏହାର ପିଛା କରିବାରୁ ଗାଡି ମାଲିକ, ଡ୍ରାଇଭର ଏବଂ ଅନ୍ୟ ଜଣେ ରାସ୍ତା କଡରେ ଗାଡି ରଖି ଦୌଡ଼ି ପଳାଇଥିଲେ । ଗାଡି ତନଖି କରିବାରୁ ପୋଲିସ ଗାଡିରୁ ୧୨୦୦ କିଲୋ ଗଞ୍ଜେଇ ଜବତ କରିବା ସହ ଗାଡ଼ିରେ ବସିଥିବା କେଶବ ତାରେ, ଶୀତଲ ସିଂ ଓ ଲକ୍ଷ୍ମଣ ଅଡାରୀଙ୍କୁ ଗିରଫ କରିଥିଲା। ଫେରାର ହୋଇଯାଇଥିବା ଅଭିଯୁକ୍ତମାନେ ହେଲେ ଛତିଶଗଡ଼ର ଗାଡି ମାଲିକ ସରିତା ତୁରେ, ଡ୍ରାଇଭର ନନ୍ଦକୁମାର ଓରଫ ସନ୍ତୋଷ କୁମାର ଓ ମାଛ କୁଣ୍ଡ ଅଞ୍ଚଳର ରାମାରାଓ ଖଡା।

ଏନଡିପିଏସ ଆଇନ ଅନୁଯାଇ ମାଛକୁଣ୍ଡ ଥାନାରେ ଏକ ମାମଲା ନମ୍ବର ୫୫/୨୦୧୬ ରୁଜୁ କରାଯାଇ ଏହାର ତଦନ୍ତ ଚାଲିଥିଲା । ପରବର୍ତ୍ତୀ ସମୟରେ ଗିରଫ ତିନି ଅଭିଯୁକ୍ତଙ୍କ ନାମରେ ପୋଲିସ ଅଭିଯୋଗ ଫର୍ଦ୍ଦ ଦାଖଲ କରିବା ପରେ କୋରାପୁଟ ଅତିରିକ୍ତ ଜିଲା ଦୌରା ଜର୍ଜ୍‌ଙ୍କ ଅଦାଲତରେ କେସ୍ ନମ୍ବର ଟିଆର ୪୧/୨୦୧୬ରେ ବିଚାର ଚାଲିଥିଲା । ସରକାରଙ୍କ ପକ୍ଷରୁ ଓକିଲ ଜୟନ୍ତ ମିଶ୍ର ମାମଲା ପରିଚାଳନା କରୁଥିଲେ ।

# ସଚେତନତା ବାର୍ତ୍ତା ପ୍ରଚାର କରିବ ସଚେତନତା ରଥ

ଦାମନଯୋଡ଼ି, ୧୪।୭(ଡି.ଏନ.ଏ.)

**କୋରାପୁଟ ବ୍ଲକରେ ଜନସଂଖ୍ୟା ସ୍ଥିରତା ପକ୍ଷ**

ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ କୋରାପୁଟ ବ୍ଲକରେ ଜନସଂଖ୍ୟା ସ୍ଥିରତା ପକ୍ଷ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଏକ ସଚେତନତା ରଥକୁ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା.ସୁମନ ଟପ୍ପୋ ଉଦ୍‌ଘାଟନ କରିଥିଲେ। ଜୁଲାଇ୨୪ ପର୍ଯ୍ୟନ୍ତ ଏହି ରଥ ବ୍ଲକର ବିଭିନ୍ନ ଗ୍ରାମରେ ସଚେତନତା ବାର୍ତ୍ତା ପ୍ରଚାର କରିବ। ଜନସଂଖ୍ୟା ବୃଦ୍ଧି ଯୋଗୁ ହେଉଥିବା ସମସ୍ୟା, ସରକାରଙ୍କ ପକ୍ଷରୁ ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ଥିବା ବ୍ୟବସ୍ଥା ସମ୍ପର୍କରେ ସଚେତନ କରିବ। ଏଥି ସହିତ ଆଶାକର୍ମୀମାନେ ଘର ଘର ବୁଲି ଲୋକଙ୍କୁ ପରିବାର ନିୟୋଜନ ପାଇଁ ଥିବା ବ୍ୟବସ୍ଥା, ସରକାରଙ୍କ ପକ୍ଷରୁ ମିଳୁଥିବା ସୁବିଧା ସୁଯୋଗ ସମ୍ପର୍କରେ ସଚେତନ କରିବେ। ସଚେତନତା ରଥ ଉଦ୍‌ଘାଟନ ସମୟରେ ପିଏଚ୍‌ଇଓ ମକର ଜାନି, ବିରଜା ଶଙ୍କର ବେହେରା, ସ୍ୱାସ୍ଥ୍ୟକର୍ମୀ ସୁଶାନ୍ତ ଭଞ୍ଜ, ମାନସ ସ୍ୱାଇଁ, ପୂର୍ବ କିର୍ଷାନୀ, ମୀନ ସାଉନ୍ତା ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ପ୍ରତିବର୍ଷ ଜୁଲାଇ ୧୧ ତାରିଖକୁ ବିଶ୍ୱ ଜନସଂଖ୍ୟା ଦିବସ ରୂପେ ପାଳିତ ହେଉଛି।



ସଚେତନତା ରଥକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

# ୪ ହିତାଧିକାରୀଙ୍କୁ ଭତ୍ତା ଦେଇ ଅନ୍ୟମାନଙ୍କୁ ଠକିଲା ପ୍ରଶାସନ

ଦଶମନ୍ତପୁର, ୧୪।୭( ଡ଼ି.ଏନ.ଏ.)

**ମିଠା ଖାଇବାକୁ ପିଇଓ ଦେଇଥିଲେ ୫ଶହ ଟଙ୍କା**

ସାତମାସ ହେଲାଣି ୧୫ଜଣ ହିତାଧିକାରୀଙ୍କୁ ଭତ୍ତା ଟଙ୍କା ମିଳୁ ନ ଥିଲା। ଏନେଇ ପ୍ରବଳ ବର୍ଷାରେ ଗତ ୪।୭।୨୨ରେ ହିତାଧିକାରୀ ହଳଦୀସିଲି ଗ୍ରାମର ବିଡ଼ିଓଙ୍କ ଦ୍ୱାରସ୍ଥ ହୋଇଥିଲେ। ଏନେଇ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା । ପରେ ପ୍ରଶାସନ ତତ୍ପରତା ଦେଖାଇଥିଲା। ଦଶମନ୍ତପୁର ବ୍ଲକ ଦୁଆରଶୁଣି ପଞ୍ଚାୟତ ପିଇଓ ଗୋପୀନାଥ ପାଙ୍ଗୀ ନିଜେ ହଳଦୀସିଲି ଗ୍ରାମକୁ ନ ଯାଇ କୌଣସି କର୍ମଚାରୀଙ୍କ ସହଯୋଗରେ ସମ୍ପୃକ୍ତ ଗ୍ରାମରେ ୧୫ ହିତାଧିକାରୀଙ୍କ ଟିପଚିହ୍ନ ନେଇ ମୋଟ ୩୭,୬୦୦ ଟଙ୍କା ଭତ୍ତା ବାବଦରେ ପ୍ରଦାନ କରାଯାଇଛି ବୋଲି ରିପୋର୍ଟରେ ଦର୍ଶାଇଥିଲେ। ମାତ୍ର ବାସ୍ତବରେ ଗ୍ରାମର ୪ ଜଣ ଫୁଲମତୀ ମୁଦୁଲିଙ୍କୁ ୧ହଜାର ଟଙ୍କା, ବୀରମଲି ମୁଦୁଲିଙ୍କୁ ୫ଶହ ଟଙ୍କା, ଫୁଲମତୀ ମୁଦୁଲି (୨)ଙ୍କୁ ୫ଶହ ଏବଂ ମଣି ମୁଦୁଲିଙ୍କୁ ୫ଶହ ଟଙ୍କା ଭତ୍ତା ପ୍ରଦାନ କରାଯାଇଥିଲା। ଏହା କାହାକୁ ନ ଜଣାଇବା ପାଇଁ ସେମାନଙ୍କୁ ମିଠା ଖାଇବାକୁ ପିଇଓ ୫୦୦ ଟଙ୍କା ଦେଇଥିଲେ ବୋଲି ସମ୍ପୃକ୍ତ ହିତାଧିକାରୀମାନେ କହିଛନ୍ତି। ହିତାଧିକାରୀଙ୍କୁ ଭତ୍ତା ଟଙ୍କା ନ ଦେଇ ମଧ୍ୟ ପିଇଓ ଭତ୍ତା ଦେଇଥିବା ମିଥ୍ୟା ରିପୋର୍ଟ ଦେଇଛନ୍ତି ବୋଲି ଦଶମନ୍ତପୁର ବ୍ଲକ କଂଗ୍ରେସ ସଭାପତି ବେଣୁଧର ପାତ୍ର ଅଭିଯୋଗ କରବା ପରେ ଘଟଣା ପଦାକୁ ଆସିଥିଲା। ଅନ୍ୟପକ୍ଷରେ ଆମକୁ ଶୁକ୍ରବାର ସୁଦ୍ଧା ଭତ୍ତା ଟଙ୍କା ନ ଦେଲେ ଆମେ ଜିଲାପାଳଙ୍କ ଦ୍ୱାରସ୍ଥ ହେବୁ ବୋଲି ଭତ୍ତାରୁ ବଞ୍ଚିତ ହିତାଧିକାରୀ ଲିମଦାସ ମୁଦୁଲି, ପାକୁଲୁ ମୁଦୁଲି, ଲିମ ମୁଦୁଲି, କମୁଲୁ ମୁଦୁଲି, ବିରିମଲି ମୁଦୁଲି, ନାଳି ମୁଦୁଲି, ପଦ ମୁଦୁଲି, ଫୁଲମତୀ ମୁଦୁଲି, ସାଲମା ମୁଦୁଲି, ହିରାମଣି ମୁଦୁଲି, ଦଇମତି ମୁଦୁଲି, ଗୁଞ୍ଜାଲି ମୁଦୁଲି, ଜେଟି ମୁଦୁଲି, ଦସମା ମୁଦୁଲି, ମଙ୍ଗଳି ମୁଦୁଲି ପ୍ରମୁଖ ଚେତାବନୀ ଦେଇଛନ୍ତି।

ଏ ସମ୍ପର୍କରେ ବ୍ଲକ ସାମାଜ ମଙ୍ଗଳ ଅଧିକାରୀ ଗୌତମ ଖୋସଲାଙ୍କୁ ପଚାରିବାରୁ ମୁଁ ପିଇଓଙ୍କ ସୂଚନା ଅନୁସାରେ ସମସ୍ତ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଇଥିବା ସୂଚନା ଦେଇଥିଲି ବୋଲି କହିଛନ୍ତି। ବିଡିଓ ଡ଼ମ୍ବରୁଧର ମଲ୍ଲିକଙ୍କୁ ଏ ସମ୍ପର୍କରେ ପଚାରିବାରୁ ସେ କହିଲେ, ଏ ସମ୍ପର୍କରେ ମୁଁ ଜାଣି ନ ଥିଲି। ଆସନ୍ତାକାଲି ସୁଦ୍ଧା ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିବା ବ୍ୟବସ୍ଥା କରିବି ବୋଲି କହିଥିଲେ। ଏନେଇ ସମ୍ପୃକ୍ତ ପିଇଓ ପାଙ୍ଗୀଙ୍କୁ ପଚାରିବାରୁ ମୁଁ କାଲି ଟଙ୍କା ଦେଇଦେବି ବୋଲି କହିଥିଲେ।

# ଲଗାଣ ବର୍ଷା: ୪ ଦିନ ହେଲା ମୋଟୁ-ଆନ୍ଧ୍ର ଯୋଗାଯୋଗ ଠପ୍

**ମାଲକାନଗିରି, ୧୪।୭(ଡି.ଏନ.ଏ.)**

- ସାବେରୀ, ସିଲେରୁର ପଛୁଆ ଜଳ ସୃଷ୍ଟି କରିଛି ବନ୍ୟା ସ୍ଥିତି
- ଗୋଦାବରୀ ନଦୀରେ ଲାଗିଛି ତୃତୀୟ ବିପଦ ସଙ୍କେତ
- ମୋଟୁ, ଆନ୍ଧ୍ର ପ୍ରଦେଶର ଚିନ୍ତୁର ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ
- ବିଭିନ୍ନ ବ୍ଲକରେ ଭାଙ୍ଗିଛି ଅନେକ କଚ୍ଚା ଘର

ମାଲକାନଗିରି ଜିଲାରେ ଲଗାଣ ବର୍ଷା ଜାରି ରହିଥିବାରୁ ଦିନକୁ ଦିନ ସ୍ଥିତି ବିଗିଡିବାରେ ଲାଗିଛି। ଏଥିଯୋଗୁ ଜିଲାର ବିଭିନ୍ନ ନଦୀ ନାଳରେ ଜଳ ସ୍ତର ବୃଦ୍ଧି ପାଇଛି। ସିଲେରୁ, ସାବେରୀ, ପୋଟେରୁ ଓ କାଙ୍କୁରୁକୋଣ୍ଡା ନଦୀରେ ଜଳସ୍ତର ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ମୋଟୁ ସୀମାନ୍ତଠାରୁ ୨ କିମି ଦୂର ଆନ୍ଧ୍ର ପ୍ରଦେଶର କାଲେରୁ ଗାଁ ନିକଟରେ ୩୨୬ ନମ୍ବର ଜାତୀୟ ରାଜପଥ ଉପରେ ଗତ ୪ ଦିନ ଧରି ୫ ଫୁଟ ଉଚ୍ଚତାରେ ବନ୍ୟାଜଳ ପ୍ରବାହିତ ହେଉଛି। ଫଳରେ ମାଲକାନଗିରି ଜିଲାର ମୋଟୁ ଓ ଆନ୍ଧ୍ର ପ୍ରଦେଶର ଚିନ୍ତୁର ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ ରହିଛି। ମୋଟୁ ସୀମାନ୍ତରେ ଗତ ୪ ଦିନ ହେଲା ଶତାଧିକ ଯାନବାହାନ ଅଟକି ରହିଛି। ଗୋଦାବରୀ ନଦୀରେ ତୃତୀୟ ବିପଦ ସଙ୍କେତ ୫୩ ଫୁଟ ରହିଥିବା ବେଳେ ବର୍ତ୍ତମାନ ସେଠାରେ ଜଳସ୍ତର ୫୯ ଫୁଟ ରହିଛି। ଫଳରେ ମାଲକାନଗିରି ଜିଲାର ମୋଟୁରେ ବନ୍ୟା ଆଶଙ୍କା ରହିଛି। ପରିସ୍ଥିତି ଉପରେ ନଜର ରଖିବା ଲାଗି ମାଲକାନଗିରି ଜିଲାପାଳ ବିଡିଓ ଓ ସମସ୍ତ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅଧିକ ବର୍ଷା ଯୋଗୁ ମାଲକାନଗିରି ସହରର କେତେକ ଘରୋଇ ବିଦ୍ୟାଳୟକୁ ଗୁରୁବାର ଛୁଟି ଘୋଷଣା କରାଯାଇଛି। ଲଗାଣ ବର୍ଷା ଯୋଗୁ ମାଲକାନଗିରି ସଦର ସମେତ ବିଭିନ୍ନ ବ୍ଲକର ଅନେକ ସ୍ଥାନରେ ବହୁ କଚ୍ଚା ଘର ଭାଙ୍ଗି ନଷ୍ଟ ହୋଇଛି। ବିଭିନ୍ନ ସ୍ଥାନରେ ଗଛ ପଡି ରାସ୍ତା ଅବରୋଧ ହେବା ସହ ବିଦ୍ୟୁତ ସଂଯୋଗ ମଧ କିଛି ସମୟ ପାଇଁ ବିଚ୍ଛିନ୍ନ ହୋଇଥିଲା। ମୋଟୁ ଅଞ୍ଚଳ ସ୍ଥିତି ସଙ୍କଟଜନକ ରହିଛି। ଏହି ଅଞ୍ଚଳରେ ସାବେରୀ ଓ ସିଲେରୁ ନଦୀର ପୋଲାଭରମର ପଛୁଆ ଜଳ ପ୍ରାୟ ୧୦ରୁ ଉର୍ଦ୍ଧ୍ୱ ଗ୍ରାମରେ ବନ୍ୟା ସ୍ଥିତି ସୃଷ୍ଟି କରିଛି। ପ୍ରଶାସନ ପକ୍ଷରୁ ଉକ୍ତ ଅଞ୍ଚଳରେ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି ସେହି ଅଞ୍ଚଳରେ ପିଇଓ, ତହସିଲଦାରଙ୍କ ସହ ଅନ୍ୟ କର୍ମଚାରୀଙ୍କୁ ସଜାଗ ରଖାଯାଇଛି।


ବର୍ଷାରେ ଜଳାର୍ଣ୍ଣବ ହୋଇ ପଡିଥିବା ଅଞ୍ଚଳ ।

## ସଂକ୍ଷେପରେ

### ହାତୀ ମାରି ଦାନ୍ତ ଲୁଟ ଘଟଣା,୩ ଗିରଫ

ଭଞ୍ଜନଗର,୧୪।୭(ଡି.ଏନ.ଏ)- ଗଞ୍ଜାମ ଜିଲା ଉତ୍ତର ଘୁମୁସର ବନଖଣ୍ଡ ମୁଜାଗଡ଼ ରେଞ୍ଜ କାନବିନ୍ଧା ନିକଟରେ ଗତ ୬ ତାରିଖରେ ଏକ ଦନ୍ତାହାତୀକୁ ଗୁଳିକରି ହତ୍ୟା କରିବା ପରେ ଶିକାରୀମାନେ ଦାନ୍ତ ଲୁଟି ନେଇଥିଲେ। ଏହି ଘଟଣାରେ ବନ ବିଭାଗ ଗୁରୁବାର ୩ ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ବେଲାଟୁନାର ଯୁବରାଜ ଦିଗାଲ, ଦୀପକ ଦିଗାଲ ଓ ରୁନା ଦିଗାଲ। ଅଭିଯୁକ୍ତମାନଙ୍କୁ ଗୁରୁବାର ଭଞ୍ଜନଗର କୋର୍ଟ ଚାଲାଣ କରାଯାଇଛି। ଏଥିସହ ସେମାନଙ୍କ ଠାରୁ ଲୁଟ ଦାନ୍ତକୁ ଜବତ କରାଯାଇଛି । ଏହି ଘଟଣାରେ ଆଉ କେତେଜଣ ସମ୍ପୃକ୍ତ ଥିବା ସନ୍ଦେହ କରାଯାଉଛି । ବନ ବିଭାଗ ପକ୍ଷରୁ ଘଟଣାର ଅଧିକ ତଦନ୍ତ ଚାଲିଥିବା ଡିଏଫଓ ସୁଦର୍ଶନ ବେହେରା ପ୍ରକାଶ କରିଛନ୍ତି। ଅଭିଯୁକ୍ତଙ୍କୁ ଗିରଫ ସହ ଦାନ୍ତ ଉଦ୍ଧାର ହୋଇଥିଲେ ମଧ କାର୍ଯ୍ୟରେ ଅବହେଳା କରିଥିବା କର୍ମଚାରୀଙ୍କ ବିରୋଧରେ ଏବେ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ତଦନ୍ତ ପରେ କୌଣସି କର୍ମଚାରୀ ଅବହେଳା କରିଥିବା ପ୍ରମାଣ ମିଳିଲେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବା ସମ୍ଭାବନା ରହିଛି । ହାତୀକୁ ଗୁଳିକରି ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଥିବା ବେଳେ ଶିକାରୀମାନଙ୍କ ଠାରୁ ବନ୍ଧୁକ ଜବତ ହୋଇନାହିଁ । ତେଣୁ ଏହି ମାମଲାରେ ମୁଖ୍ୟ ଅଭିଯୁକ୍ତ ସମେତ ଆହୁରି ଅନେକ ଜଡ଼ିତ ଥିବା ଅନୁମାନ କରାଯାଉଛି। ସୂଚନାଯୋଗ୍ୟ, ଶିକାରୀମାନେ ଦନ୍ତାକୁ ହତ୍ୟା କରି ତାର ଦାନ୍ତକୁ ଲୁଟି ନେଇଥିଲେ। ଏହି ଘଟଣା ଭଞ୍ଜନଗର ଅଞ୍ଚଳରେ ଚହଳ ପକାଇଥିବା ବେଳେ ବନ ବିଭାଗ ବିଳମ୍ବରେ ହେଉ ପଛେ ମଧ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରିଛି । ଜବତ ଦାନ୍ତ ମଧରୁ ଗୋଟିଏ ଦାନ୍ତର ଓଜନ ୨୫ଶହ ଗ୍ରାମ ଥିବାବେଳେ ଆଉ ଗୋଟିଏ ଦାନ୍ତର ଓଜନ ୨୨ଶହ ଗ୍ରାମ ଅଛି ।

### ବିଧାନସଭାରେ ପ୍ରଶ୍ନ କଲେ ଛତ୍ରପୁର ବିଧାୟକ

ଗଞ୍ଜାମ,୧୪।୭(ଡି.ଏନ.ଏ.): ଚଳିତ ବିଧାନସଭାରେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ଦୁଇଟି ପ୍ରଶ୍ନ କରିଥିବା ଜଣାପଡିଛି। ଛତ୍ରପୁର ଓ ଗଞ୍ଜାମ ତହସିଲ ଅନ୍ତର୍ଗତ କେଉଁ କେଉଁ ଗ୍ରାମଗୁଡିକୁ ରାଜସ୍ୱ ଗ୍ରାମର ମାନ୍ୟତା ପ୍ରଦାନ କରିବା ପାଇଁ ପ୍ରସ୍ତାବ ରହିଛି ଏବଂ ଅଦ୍ୟାବଧି ଏ ସମ୍ବନ୍ଧରେ କଣ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀଙ୍କୁ ପ୍ରଶ୍ନ କରିଥିଲେ । ଉତ୍ତରରେ ଛତ୍ରପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ତହସିଲର ୧୬ ଗ୍ରାମ ତଥା ତରାଇ ପାଟପୁର, ସାନ ଆର୍ଜିପଲ୍ଲୀ, ଚାଷ କଣମଣା, ନୂଆପଲି, ବଳରାମପୁର, ରାଜନପଲି, ସୁଦେଉପଲି, ପୁରୁଣା ପାଟଣା, ବାସନାପଲି, ସାଇବଜେନାପଲି, ତେଲପାଲି, କେଉଟପାଲି, ହରିଆପାଲି, ଚନ୍ଦ୍ରପଦା, କାଳିଆପାଲି ଓ ତୋଟାପାଲି ଏବଂ ଗଞ୍ଜାମ ତହସିଲର ୪ ଗ୍ରାମ ଅରଣପୁର ଗଜପତି ନଗର, ଗୌରାଙ୍ଗ ପାଟଣା, କଳାଜମୁନା ଓ ପୁରୁଣା ବନ୍ଧ ପଦା ଗ୍ରାମକୁ ରାଜସ୍ୱ ଘୋଷଣା କରାଯାଇଛି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ପ୍ରମିଳା ମଲ୍ଲିକ ଉତ୍ତର ରଖିଛନ୍ତି। ସେହିପରି ଛତ୍ରପୁର ତହସିଲ ଅନ୍ତର୍ଗତ ଆର୍ଯ୍ୟପଲ୍ଲୀ ଏବଂ ଗଞ୍ଜାମ ତହସିଲ ଅନ୍ତର୍ଗତ ପୋଡ଼ମପେଟାଠାରେ ସମୁଦ୍ର କୂଳ ଖାଇ ଜନବସତି ଆଡକୁ ମାଡି ଆସୁଛି। ଏହାର ପ୍ରତିରୋଧ ପାଇଁ ବିଭାଗ ତରଫରୁ କି ପଦକ୍ଷେପ ନିଆଯାଇଛି ବୋଲି ଜଳ ସମ୍ପଦ ମନ୍ତ୍ରୀ ଟୁକୁନି ସାହୁଙ୍କୁ ବିଧାୟକ ବେହେରା ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ ବ୍ରହ୍ମପୁର ଜଳସେଚନ ବିଭାଜନର ଛତ୍ରପୁର ତହସିଲର ଆର୍ଯ୍ୟପଲ୍ଲୀ ଓ ଗଞ୍ଜାମ ତହସିଲ ପୋଡ଼ମପେଟା ମଧରେ ଗୋପାଳପୁର ବନ୍ଦର କାର୍ଯ୍ୟକ୍ଷମ ହୋଇଛି। ଏହି ଅଞ୍ଚଳର ରକ୍ଷଣାବେକ୍ଷଣ ଓ ତଦାରଖ ଦାୟିତ୍ୱ ଗୋପାଳପୁର ବନ୍ଦର କର୍ତ୍ତୃପକ୍ଷଙ୍କ ଅଧୀନରେ ରହିଛି।

# ବିଏଡ କଲେଜ କାର୍ଯ୍ୟକ୍ଷମ କରିବାକୁ ଦାବି କଲେ ବିଜେଡି ନେତା, କର୍ମକର୍ତ୍ତା

**ମାଲକାନଗିରି, ୧୪।୭(ଡି.ଏନ.ଏ.)**

ଗୁରୁବାର ମନ୍ତ୍ରୀ ଜଗନ୍ନାଥ ସାରକାଙ୍କ ଭୁବନେଶ୍ୱର ସ୍ଥିତ ବାସଭବନରେ ମାଲକାନଗିରି ଜିଲାର ବରିଷ୍ଠ ବିଜେଡି ନେତା ଓ କର୍ମୀମାନେ ମନ୍ତ୍ରୀ ଙ୍କୁ ସାକ୍ଷାତ କର ଜିଲାର ବିଭିନ୍ନ ସମସ୍ୟା ଓ ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଛନ୍ତି। ମାଲକାନଗିରି ଜିଲାରେ ଦୀଘ ବର୍ଷ ଧରି ନିର୍ମିତ ହୋଇ ପଡିଥିବା ବିଏଡ଼ କଲେଜକୁ କାର୍ଯ୍ୟକ୍ଷମ କରିବାକୁ ଏହି ଅବସରରେ ଆଲୋଚନା କରାଯାଇଥିଲା। ଜିଲାରେ ଏହି ବିଏଡ଼ କଲେଜ ଦୀର୍ଘ ବର୍ଷ ଧରି ନିର୍ମାଣ ହୋଇଥିଲେ ସୁଦ୍ଧା ତାହା ଏଯାଏ କାର୍ଯ୍ୟକ୍ଷମ ହୋଇ ନାହିଁ। ଫଳରେ ଜିଲାର ଅନେକ ଯୁବତୀଯୁବକ ଏଥିରୁ ଉପକୃତ ହୋଇପାରୁନାହାନ୍ତି। ଏହି କଲେଜରେ କର୍ମଚାରୀ ନିଯୁକ୍ତି କରି ଏହାକୁ କାର୍ଯ୍ୟକ୍ଷମ କରିବାକୁ ମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଥିଲା। ଏହି ଅବସରରେ ପୂର୍ବତନ ବିଧାୟକ ମାନସ ମାଡକାମୀ, ମାଲକାନଗିରି ପୌରାଧ୍ୟକ୍ଷ ମନୋଜ ବାରିକ, ପୌର ପରିଷଦର ଏମ୍‌ପି ପ୍ରତିନିଧି କୃଷ୍ଣ ଚନ୍ଦ୍ର ପାଲ, ୱାର୍ଡମେମ୍ବର ପ୍ରୀତମ ସେଠୀ, ପ୍ରଭାକର ରାଓ ପ୍ରମୁଖ ଉପସ୍ଥିତ ଥିଲେ। ମନ୍ତ୍ରୀ ଏହି ସମସ୍ୟା ପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବେ ବୋଲିପ୍ରତିଶ୍ରୁତି ଦେଦଇଥିଲେ।


ମର୍ନ୍ତୀ ଜଗନ୍ନାଥ ସାରକାଙ୍କୁ ବିଜେଡି କର୍ମକର୍ତ୍ତାମାନେ ଭେଟୁଛନ୍ତି ।

# ରାୟଗଡ଼ାରେ ଭାଜପା ପକ୍ଷରୁ ବିକ୍ଷୋଭ




**ରାୟଗଡ଼ା ଅଫିସ,୧୪।୭**

ରାଷ୍ଟ୍ରପତି ପ୍ରାର୍ଥିନୀ ଦ୍ରୌପଦୀ ମୁର୍ମୁଙ୍କ ପ୍ରତି କଂଗ୍ରେସ ନେତା ଅଜୟ କୁମାର ଦେଇଥିବା ଅଶାଳୀନ ମନ୍ତବ୍ୟକୁ ବିରୋଧ କରି ଗୁରୁବାର ସ୍ଥାନୀୟ କପିଳାସ ଛକଠାରେ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଅଜୟ କୁମାରଙ୍କ କୁଶ ପୁତ୍ତଳିକା ଦାହ କରାଯାଇଛି। ଦ୍ରୌପଦୀ ମୁର୍ମୁ ଜାଣେ ଉଚ୍ଚ ଶିକ୍ଷିତା, ଝାରଖଣ୍ଡର ରାଜ୍ୟପାଳ ଥିଲେ। ରାଷ୍ଟ୍ରପତି ହେବାପାଇଁ ତାଙ୍କର ସମସ୍ତ ଯୋଗ୍ୟତା ଅଛି। କିନ୍ତୁ ଅଜୟ କୁମାର ତାଙ୍କ ପ୍ରତି ଦେଇଥିବା ମନ୍ତବ୍ୟ ନିନ୍ଦନୀୟ ବୋଲି ଦଳ ପକ୍ଷରୁ କୁହାଯାଇଛି। ଏଥିରେ ଯୁବମୋର୍ଚ୍ଚା ସଭାପତି ନୀଳାଦ୍ରି ପାତ୍ର, ଜିଲା ସଭାପତି ଶିବ ପଟନାୟକ, ରାଜ୍ୟ ସାଧାରଣ ସଙ୍ଗଠନ ସମ୍ପାଦକ ମାନସ ମହାନ୍ତି, ବଳଭଦ୍ର ମାଝି, ଆଇନଜୀବୀ ପଦ୍ମନାଭ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ, ହତ୍ୟା ଅଭିଯୋଗ

**ଆସିକା,୧୪।୭(ଡି.ଏନ.ଏ)**

ଗାଙ୍ଗପୁର ଥାନା ଗାଙ୍ଗପୁର ହାଟପଦା ସାହିରୁ ଗୁରୁବାର ସକାଳେ ଶାଶୁ ଘରେ ଝୁଲନ୍ତା ଅବସ୍ଥାରେ ଜଣେ ମହିଳାଙ୍କ ମୃତଦେହ ଜବତ ହୋଇଛି। ସେ ହେଲେ ଅନିତା ବିଷୋୟୀ (୨୩) । ଶାଶୁ ଘର ଉପର ମହଲାରେ ସେ ବେକରେ ଫାସ ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡିଛି। ପୋଲିସ, ବେଲଗୁଣ୍ଠା ତହସିଲଦାର ଧରଣୀଧର ବେହେରାଙ୍କ ଉପସ୍ଥିତିରେ ମୃତଦେହ ଜବତ କରି ବ୍ୟବଛେଦ ଲାଗି ଭଞ୍ଜନଗର ଡାକ୍ତରଖାନାକୁ ପଠାଇଛି। ଏ ନେଇ ଗାଙ୍ଗପୁର ଥାନାରେ ନଂ.୨୭୮/୨୨ରେ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁ କହିଛନ୍ତି । ଅପରପକ୍ଷେ ଝିଅକୁ ହତ୍ୟା କରାଯାଇଥିବା ମୃତ ମହିଳାଙ୍କ ବାପା ଗାଙ୍ଗପୁର ପୋଲିସରେ ଅଭିଯୋଗ କରିଛନ୍ତି। ଗତ ୪ ବର୍ଷ ତଳେ ବିବାହ କରିଥିବା ଅନିତାଙ୍କୁ ଶାଶୁ ଘର ପକ୍ଷରୁ ଅଧିକ ଯୌତୁକ ଲାଗି ନିର୍ଯାତନା ଦିଆଯାଉଥିଲା ବେଳେ ତାଙ୍କୁ ମାରିଦିଆ ଯାଇଥିବା ଅନିତାଙ୍କ ବାପା ଅଭିଯୋଗରେ ଦର୍ଶାଇଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ଘଟଣାର ସତ୍ୟାସତ୍ୟ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି ।

### ଢ଼ାବାରୁ ବିଦେଶୀ ମଦ ଜବତ

**ଦିଗପହଣ୍ଡି,୧୪।୭(ଡି.ଏନ.ଏ.)**

ଦିଗପହଣ୍ଡି ପୋଲିସ ଫସିଗୁଡ଼ା ଗ୍ରାମର ପଞ୍ଚାନନ ପ୍ରଧାନଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ମାମଲା ନଂ.୨୫୧/୨୨ରେ ଜାମିନ ଆବେଦନ ନାମଞ୍ଜୁର ହେବାରୁ ତାଙ୍କୁ ଦିଗପହଣ୍ଡି ସବ୍ ଜେଲ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ବୁଧବାର ସନ୍ଧ୍ୟାରେ ଅଭିଯୁକ୍ତଙ୍କ ଦ୍ୱାରା ପରିଚାଳିତ ଡେଙ୍ଗାଓସ୍ତା ଗ୍ରାମ ବଜାର ନିକଟରେ ଥିବା ଢ଼ାବାରେ ଅର୍ତକିତ ଚଡ଼ାଉ କରି ବିଭିନ୍ନ କମ୍ପାନୀର ୮୦ ଟି ବିଦେଶୀ ମଦ ବୋତଲରେ ଥିବା ୨୧ ଲିଟର ୩୯୦ ମିଲିଲିଟର ମଦ ଜବତ କରିଥିଲା। ବିନା ଲାଇସେନ୍ସରେ ଅଭିଯୁକ୍ତ ତାଙ୍କ ଢ଼ାବାରେ ବିଦେଶୀ ମଦ ବିକ୍ରି କରୁଥିବା ଜଣାପଡ଼ିଥିଲା। ପରେ ତାଙ୍କ ବିରୋଧରେ ମକଦ୍ଦମା ରୁଜୁ କରାଯାଇଥିବା ଆଇଆଇସି ଦୀପ୍ତି ରଞ୍ଜନ ବେହେରା କହିଛନ୍ତି।

# ଆତ୍ମ ସମର୍ପଣ କଲେ ମହିଳା ମାଓବାଦୀ ସରିତା


ଆତ୍ମସମର୍ପଣ କରିଥିବା ସରିତାଙ୍କୁ ଏସ୍‌ପି ସହାୟତା ରାଶି ପ୍ରଦାନ କରୁଛନ୍ତି ।

**ମାଲକାନଗିରି, ୧୪।୭ (ଡି.ଏନ୍.ଏ.)**

**ଶହୀଦ ସପ୍ତାହ ପୂର୍ବରୁ ମାଓବାଦୀଙ୍କୁ ଝଟକା**

ଆଉ ଦୁଇ ସପ୍ତାହ ପରେ ମାଓବାଦୀଙ୍କ ଶହୀଦ ସପ୍ତାହ ପାଳନ ହେବାକୁ ଯାଉଥିବା ବେଳେ ମାଓବାଦୀମାନେ ଏହି ସପ୍ତାହକୁ ଧୁମଧାମରେ ପାଳନ କରିବାକୁ ସମସ୍ତ ପ୍ରକାର ପ୍ରସ୍ତୁତି ଚଳାଇଛନ୍ତି। ବହୁ ଯୁବକ ଓ ଆଦିବାସୀଙ୍କୁ ସଙ୍ଗଠନରେ ସାମିଲ କରିବା ପାଇଁ ଉଦ୍ୟମ ଜାରି ରଖିଛନ୍ତି। ଏପରି ସ୍ଥଳେ ଜଣେ ମହିଳା ମାଓବାଦୀ ଗୁରୁବାର ବିଜାରାପୁର ଜିଲା ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ତାଙ୍କ ନାମ ସରିତା ସୋଡି। ସରିତାଙ୍କ ନମରେ ଛତିଶଗଡ଼ ସରକାର ୩ଲକ୍ଷ ଟଙ୍କା ପୁରସ୍କାର ଘୋଷଣା କରିଥିଲେ। ସରିତାଙ୍କ ଆତ୍ମସମର୍ପଣ ମାଓବାଦୀ ସଙ୍ଗଠନକୁ ଏକ ଶକ୍ତ ଧକ୍କା ଦେଇଛି। ସେ ଛତିଶଗଡର ମିରତୁର ଚେର୍ଲି କ୍ୟାମ୍ପ, ରାଜନନ୍ଦ ଗାଁର ମାନପୁରି କ୍ୟାମ୍ପ, ନାରାୟଣପୁର କୁକଡାଖୋର କ୍ୟାମ୍ପ ଆକ୍ରମଣ ସହ ଅନେକ ଲାଣ୍ଡମାଇନ ବିସ୍ଫୋରଣରେ ସାମିଲ ଥିଲେ। ମାଓବାଦୀ ସଙ୍ଗଠନରେ ଆଉ ପୂର୍ବ ଆଦର୍ଶ ନ ଥିବାରୁ ଏବଂ ସରକାରଙ୍କ ବିଭିନ୍ନ ଜନହିତକର କାର୍ଯ୍ୟରେ ଅନୁପ୍ରାଣିତ ହୋଇ ସେ ମାଓବାଦୀ ସଙ୍ଗଠନ ଛାଡିଲେ ବୋଲି ସରିତା କହିଛନ୍ତି। ଆତ୍ମସମର୍ପଣ ପରେ ବିଜାପୁର ଏସ୍‌ପି ତାଙ୍କୁ ୧୦ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରଛନ୍ତି। ଆଗାମୀ ଦିନରେ ସରକାରଙ୍କ ଥଇଥାନ ନୀତି ଅନୁ ଯାୟୀ ସମସ୍ତ ପ୍ରକାର ସୁବିଧା ସୁଯୋଗ ମିଳିବ ବୋଲି ଏସ୍‌ପି କହିଛନ୍ତି।

# ଉମରକୋଟରେ ଅଜୟ କୁମାରଙ୍କ କୁଶ ପୁତ୍ତଳିକା ଦାହ



**ଉମରକୋଟ,୧୪।୭(ସ୍ୱ.ପ୍ର.)**

ଏନ୍‌ଡିଏର ରାଷ୍ଟ୍ରପତି ପ୍ରାର୍ଥୀ ଦୌପଦୀ ମୁର୍ମୁଙ୍କୁ ନେଇ ନିନ୍ଦନୀୟ ମନ୍ତବ୍ୟ ପ୍ରତିବାଦରେ ଉମରକୋଟ ଭାଜପା ପକ୍ଷରୁ ଅଜୟ କୁମାରଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଯୁବମୋର୍ଚ୍ଚା ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦଳୀୟ କର୍ମୀ ଭାଜପା କାର୍ଯ୍ୟାଳୟ ଠାରୁ ଏକ ଶୋଭାଯାତ୍ରାରେ ଯାଇ ନୂତନ ବସଷ୍ଟାଣ୍ଡ ଠାରେ ପହଞ୍ଚିଥିଲେ । ସେଠାରେ କଂଗ୍ରେସ ବିରୋଧୀ ନାରା ଦେବା ସହ କୁଶ ପୁତ୍ତଳିକା ଦାହ କରିଥିଲେ। ଯୁବମୋର୍ଚ୍ଚା ଜିଲା ସଭାପତି ଚନ୍ଦ୍ରଭାନୁ ନାୟକ, ସାଧାରଣ ସମ୍ପାଦକ ସତ୍ୟ ବେହେରା, ଯୁବନେତା ମିଲୁ ପଣ୍ଡା, ବାଦଲ ପଟ୍ଟନାୟକ, ସୁଦେବ ନନ୍ଦୀ, ଦିଲୀପ, ରାମହରୀ, ବାବୁ ଶର୍ମା, ରାମ ଗଣ୍ଡ, ଦୁଖାଲୁ ପ୍ରମୁଖଙ୍କ ପ୍ରଚେଷ୍ଟାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରମେଶ ସାହୁ, ରାମ ନାୟକ, ସୁରେଶ କୁମାର ଆଚାର୍ଯ୍ୟ, ପ୍ରଭାତ ନାୟକ, ଗୋପୀନାଥ ସାହୁ, ପବିତ୍ର ଗରଡ଼ା ପ୍ରମୁଖ ଶତାଧିକ କାର୍ଯ୍ୟକର୍ତ୍ତା ଯୋଗଦେଇ ଅଜୟ କୁମାରଙ୍କ ଆଦିବାସୀ ବିରୋଧୀ, ମହିଳା ବିରୋଧୀ ତଥା ଓଡ଼ିଆ ବିରୋଧୀ ମନ୍ତବ୍ୟର ନିନ୍ଦା କରିଥିଲେ।

# ଜଳଭଣ୍ଡାରରେ ବୁଡ଼ି ଛାତ୍ରଙ୍କ ମୃତ୍ୟୁ

**ବ୍ରହ୍ମପୁର ଅଫିସ,୧୪।୭:**

ବ୍ରହ୍ମପୁର ସନ୍ନିକଟ ଦକ୍ଷିଣପୁର ଜଳଭଣ୍ଡାରରେ ବୁଡ଼ି ଜଣେ ଛାତ୍ରଙ୍କର ଗୁରୁବାର ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ବଡବଜାର ଥାନା ଅନ୍ତର୍ଗତ ଜେନା ସାହିର ରଞ୍ଜିତ ଦଳାଇଙ୍କ ପୁଅ ହରସାଇ ଦଳାଇ (୧୬)। ସଦର ଥାନା ପୋଲିସ ଛାତ୍ରଙ୍କ ମୃତଦେହ ଜବତ କରି ନଂ.୩୮/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଜଳଭଣ୍ଡାରରେ ଗାଧୋଉଥିବା ବେଳେ ପାଣିରେ ବୁଡିଯାଇ ଛାତ୍ରଙ୍କ ମୃତ୍ୟୁ ଘଟିଥିବା ପୋଲିସ ସନ୍ଦେହ କରୁଛି। ଅନ୍ୟପଟେ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି। ପ୍ରକାଶ ଯେ, ଗୁରୁବାର ପୂର୍ବାହ୍ନ ୧୧ ଟାରେ ହରସାଇ ତାଙ୍କର ଦୁଇ ଜଣ ସାଙ୍ଗଙ୍କ ସହ ଜଳଭଣ୍ଡାରକୁ ଗାଧୋଇବା ପାଇଁ ଯାଇଥିଲେ। ସେଠାରେ ସେ ଗାଧୋଉଥିବା ବେଳେ ହଠାତ୍ ବୁଡ଼ି ଯାଇଥିଲେ। ଅନ୍ୟ ଦୁଇ ଜଣ ସାଙ୍ଗ ଖୋଜାଖୋଜି କରିଥିଲେ ମଧ ତାଙ୍କ ପତ୍ତା ପାଇ ନ ଥିଲେ। ପରେ ଖବର ପାଇ ପୋଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀ ଜଳଭଣ୍ଡାର ନିକଟରେ ପହଞ୍ଚିଥିଲେ। ପାଣି ଭିତରୁ ଅଗ୍ନିଶମ କର୍ମଚାରୀମାନେ ତାଙ୍କ ମୃତଦେହ ଉଦ୍ଧାର କରି ପୋଲିସକୁ ହସ୍ତାନ୍ତର କରିଥିଲେ ।

# ରାମନାଗୁଡ଼ାରେ ଉନ୍ନୟନ କାର୍ଯ୍ୟ ସମୀକ୍ଷା କଲେ ଜିଲାପାଳ

**ରାୟଗଡ଼ା ଅଫିସ/ରାମନାଗୁଡ଼ା, ୧୪।୭(ଡି.ଏନ୍.ଏ.)**


ଜିଲାପାଳ ମିଶନଶକ୍ତି ଗୃହଠାରେ ମହିଳାମାନଙ୍କ ସହ ଆଲୋଚନା କରୁଛନ୍ତି ।

**୩୫ ବିଦ୍ୟାଳୟକୁ ଆରଓଆର୍ ପଟ୍ଟା**

ରାୟଗଡ଼ା ଜିଲାପାଳ ସ୍ୱଧା ଦେବ ସିଂ ଗୁରୁବାର ରାମନାଗୁଡ଼ା ବ୍ଲକ ଗସ୍ତ କରି ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ରାମନାଗୁଡ଼ା ବ୍ଲକ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ତହସିଲ ତରଫରୁ ୩୫ ବିଦ୍ୟାଳୟକୁ ଆର୍‌ଓଆର ପଟ୍ଟା ଜିଲାପାଳ ପ୍ରଦାନ କରିଥିଲେ। ଏହାପରେ ବ୍ଲକରେ ୫-ଟି ଅଧୀନ ହାଇସ୍କୁଲ ପରିଦର୍ଶନ କରି ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ସହ ଆଲୋଚନା କରିଥିଲେ। ବ୍ଲକ ପରିସରରେ ନିର୍ମିତ ମିଶନ ଶକ୍ତି ଗୃହ ଉଦ୍‌ଘାଟନ କରିଥିଲେ। ପରେ ପରୀକ୍ଷିତ ପଞ୍ଚାୟତ ଖିଲାପଦର ଗ୍ରାମର ଅମୃତ ସରୋବର ପୁନରୁଦ୍ଧାର କାର୍ଯ୍ୟ ଅନୁଧ୍ୟାନ କରିଥିଲେ । ଗୁଲୁଣ୍ଡି ମଙ୍ଗଳ ବିଭାଗ ଉଚ୍ଚ ବିଦ୍ୟାଳୟ ଗସ୍ତ କରି ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ସହ ଆଲୋଚନା କରିଥିଲେ। ଉଦ୍ୟାନ ବିଭାଗ ଦାରା କରାଯାଇଥିବା କାଜୁ ଚାଷର ଅନୁଧ୍ୟାନ କରିଥିଲେ। ଡାଙ୍ଗୁବାଡ଼ି ଗ୍ରାମର ଏସ୍‌ଏଚ୍‌ଜି ଦ୍ୱାରା କରାଯାଇଥିବା ମତ୍ସ୍ୟ ପୋଖରୀ, ପୁଷ୍ଟି ବଗିଚା ଓ ଖଲିଦନା ପ୍ରସ୍ତୁତ ମେଶିନର ଅନୁଧ୍ୟାନ କରିଥିଲେ। ଗୋଗୁପାଡୁ ଗ୍ରାମରେ ନିର୍ମାଣାଧୀନ ମିଶନଶକ୍ତି ଗୃହ ଓ ପାଲକିଡାଙ୍ଗରେ ଗ୍ରାମ୍ୟ ଜଳ ଯୋଗାଣ ପ୍ରକଳ୍ପ ପରିଦର୍ଶନ କରି ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ତୁରନ୍ତ ବିଦ୍ୟୁତ ସଂଯୋଗ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବଦମୁନି ଗାଁରେ କରାଯାଇଥିବା କଦଳୀ ଚାଷ ପରିଦର୍ଶନ କରି ଖୁସି ବ୍ୟକ୍ତ କରିଥିଲେ। ଜିଲାପାଳଙ୍କ ଗସ୍ତବେଳେ ରାମନାଗୁଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷ ରବି ଗମାଙ୍ଗ, ବିଡିଓ ବେଣୁଧର ଶବର, ତହସିଲଦାର ପ୍ରଭାତୀ ଝୋଡ଼ିଆ, ଅତିରିକ୍ତ ତହସିଲଦାର ଚକ୍ରଧର ମହାନନ୍ଦିଆ, ରାମନାଗୁଡ଼ା ଜିଲା ପରିଷଦ ସଭ୍ୟ ଓ ବ୍ଲକର ଅନ୍ୟ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ।

# ଦଣ୍ଡମୁକ୍ତ ଅଞ୍ଚଳରେ ଶିକ୍ଷକଙ୍କ ମାଡ଼ରେ ଛାତ୍ର ଆହତ, ଥାନାରେ ଏତଲା

**ଚନ୍ଦାହାଣ୍ଡି,୧୪।୭(ଡି.ଏନ.ଏ. )**

ରାଜ୍ୟ ସରକାର ଶିକ୍ଷାନୁଷ୍ଠାନକୁ ଦଣ୍ଡମୁକ୍ତ ଘୋଷଣା କରିଛନ୍ତି। ପିଲାଙ୍କ ପାଠପଢ଼ାରେ ବାଧା ସୃଷ୍ଟି ହେଉଥିବା କହି ସ୍କୁଲ ପରିସରକୁ ଗଣମାଧ୍ୟମ ପ୍ରତିନିଧିଙ୍କୁ ମଧ ବାରଣ କରାଯାଉଛି। ହେଲେ ସ୍କୁଲ ପରିସରରେ ପିଲାଙ୍କୁ ମାଡ଼ ମରାଯାଉଥିବା ଅଭିଯୋଗ ହୋଇଛି। ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଧୋଡ଼ିପାଣି କଲ୍ୟାଣ ବିଭାଗ ଉଚ୍ଚ ବିଦ୍ୟାଳୟର ଛାତ୍ରଙ୍କ ସହ ଏଭଳି ଘଟଣା ଘଟିଥିବା ଅଭିଯୋଗ ହୋଇଛି। ବିଦ୍ୟାଳୟର ସହକାରୀ ଶିକ୍ଷକ ଉମେଶ ସୁନାନୀଙ୍କ ମାଡ଼ରେ ୭ମ ଶ୍ରେଣୀର ଛାତ୍ର ଆଦିତ୍ୟ ବାଘ ଆହତ ହେଇଛନ୍ତି। ଏନେଇ ଛାତ୍ରଙ୍କ ବାପା ଚନ୍ଦାହାଣ୍ଡି ଥାନାରେ ଶିକ୍ଷକଙ୍କ ନାମରେ ଏତଲା ଦେଇଛନ୍ତି। ଏ ନେଇ ଜିଲା ମଙ୍ଗଳ ଅଧିକାରୀ ଦୃଷ୍ଟିଦେଇ ପଦକ୍ଷେପ ନେବାକୁ ଦାବି ହୋଇଛି।

ସୂଚନା ଅନୁଯାୟୀ, ହଳଦୀ ଗ୍ରାମର ତ୍ରିଲୋଚନ ବାଘ (୪୫) ଙ୍କ ପୁଅ ଆଦିତ୍ୟ ବାଘ(୧୩) ଧୋଡ଼ିପାଣି କଲ୍ୟାଣ ବିଭାଗ ଉଚ୍ଚ ବିଦ୍ୟାଳୟର ହଷ୍ଟେଲରେ ରହି ପଢୁଛନ୍ତି। ଗତ ୧୧ ତାରିଖ ରାତି ୯ ଟାରେ ଆଦିତ୍ୟ ତାର ସହପାଠୀ କ୍ଷୀରସିନ୍ଧୁ ମାଝିଙ୍କ ରୁମ୍‌କୁ ଯାଇଥିବା ବେଳେ ସେଠାରେ ଥିବା ଅର୍ଜୁନ ଗଣ୍ଡ ନାମକ ଅନ୍ୟଜଣେ ସହପାଠୀ ସହ ଗଣ୍ଡଗୋଳ ହୋଇଥିଲା। ବିଦ୍ୟାଳୟ ପରିସରରେ ରହୁଥିବା ସହକାରୀ ଶିକ୍ଷକ ଉମେଶ ସୁନାନୀଙ୍କୁ ଛାତ୍ରମାନେ ଅଭିଯୋଗ କରିବା ପରେ ଶିକ୍ଷକ ଛାତ୍ରମାନଙ୍କୁ ବୁଝାଶୁଝା କରିବା ବଦଳରେ ଏକ ପ୍ଲାଷ୍ଟିକ ପାଇପ୍‌ରେ ଛାତ୍ରଙ୍କୁ ନିର୍ଘୃମ ମାଡ଼ ମାରିଥିଲେ। ଏଥିସହ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିବା ଛାତ୍ରଙ୍କ ବାପା ଅଭିଯୋଗ କରିଛନ୍ତି। ଶିକ୍ଷକଙ୍କ ମାଡ଼ରେ ଛାତ୍ରର ହାତ ଉଠୁ ନ ଥିବା ଏତଲା ରେ ବାପା ଦର୍ଶାଇଛନ୍ତି । ଏମିତିକି ଛାତ୍ରଙ୍କ ମା' ଏବଂ ବାପା ସ୍କୁଲକୁ ଯାଇ ଆଲୋଚନା କରିଥିଲେ ମଧ ଏହାର କୌଣସି ସମାଧାନ କରି ନ ଥିବା ସେମାନେ କହିଛନ୍ତି। ପରେ ଉପାୟ ନ ପାଇ ଛାତ୍ରଙ୍କୁ ନ୍ୟାୟ ପ୍ରଦାନ ପାଇଁ ଚନ୍ଦାହାଣ୍ଡି ବିଡିଓ ଧର୍ମରାଜ ମାଝିଙ୍କ ଦ୍ୱାରସ୍ଥ ହେବା ସହ ଚନ୍ଦାହାଣ୍ଡି ଥାନା ରେ ଲିଖିତ ଅଭିଯୋଗ କରିଛନ୍ତି। ଥାନା ଅଧିକାରୀ ପ୍ରମାନନ୍ଦ ସୁନାନୀ ଉଭୟ ପକ୍ଷଙ୍କୁ ଥାନାକୁ ଡକାଇ ଘଟଣାର ତଦନ୍ତ କରିଥିଲେ । ଏ ବାବଦରେ ସମ୍ପୃକ୍ତ ଶିକ୍ଷକ ଉମେଶ ସୁନାନୀ ଙ୍କୁ ପଚାରିବାରୁ ସେ ଛାତ୍ରଙ୍କୁ ପ୍ଲାଷ୍ଟିକ ପାଇପ୍‌ରେ ପିଟିଥିବା ଘଟଣାକୁ ଅସ୍ୱୀକାର କରିଥିବା ସହ କେବଳ ଦୁଇ ଚାପୁଡ଼ା ମାରିଥିବା କହିଛନ୍ତି। ଚନ୍ଦାହାଣ୍ଡି ମଙ୍ଗଳ ଅଧିକାରୀ ଜଗମୋହନ ମାଝିଙ୍କୁ ପଚାରିବାରୁ ସେ ଜିଲା ମଙ୍ଗଳ ଅଧିକାରୀଙ୍କୁ ଜଣାଇଥିବା କହିଛନ୍ତି। ବିଭାଗୀୟ ତଦନ୍ତ ପରେ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।


ଆହତ ଛାତ୍ର ।

